## ଋଷିକୁଲ୍ୟାରେ ବୁଡ଼ି ଛାତ୍ର ମୃତ

ଛତ୍ରପୁର,(ଡି.ଏନ୍.ଏ.)-ଋଷିକୁଲ୍ୟା ନଦୀରେ ବୁଡ଼ି ସୋମବାର ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡମାଧପୁର ଗ୍ରାମର ସହଦେବ ବେହେରାଙ୍କ ବଡ଼ ପୁଅ ଜଗନ୍ନାଥ (୧୭)। ଜଗନ୍ନାଥ ନୃସିଂହନାଥ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ କଳା ଛାତ୍ର ଥିଲେ । ସେ ଜଣେ ଦିବ୍ୟାଙ୍ଗ। ଅପରାହ୍ନରେ ଜଗନ୍ନାଥ ନଦୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ପ୍ରାୟ ୨ଘଣ୍ଟା ଖୋଜା ଖୋଜି ପରେ ପାଣିରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ।

### ସଂକ୍ଷେପରେ

## ନିଯୁକ୍ତି ମେଳା

ବ୍ରହ୍ମପୁର ଅଫିସ,୧୪।୧୨- ରଙ୍ଗେଇଲୁଣ୍ଡା ବ୍ଲକ କରାପଲ୍ଲୀ ପଞ୍ଚାୟତ ଦିନ ଦୟାଲ ଉପାଧ୍ୟାୟ କୈଶଲ୍ୟ ଯୋଜନାର ପଞ୍ଚାୟତସ୍ତରୀୟ ଚୟନ ଓ ନିଯୁକ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବକ୍ସିପଲ୍ଲୀ,ନାରାୟଣପୁର ଓ କରାପଲ୍ଲୀ ପଞ୍ଚାୟତର ଶିକ୍ଷିତ ବେକାର ଯୁବତୀ ଯୁବକ ଦକ୍ଷତା ବୃଦ୍ଧି ଓ କର୍ମ ନିଯୁକ୍ତି ଉଦ୍ଦେଶ୍ୟରେ ୫ କମ୍ପାନୀ ଚୟନ କରିବା ପାଇଁ ଆସିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବକ୍ସିପଲ୍ଲୀ ସରପଞ୍ଚ ଡି,ଜ୍ୟୋତି, କରାପଲ୍ଲୀ ସରପଞ୍ଚ ମେନକା ରେଡ୍ଡୀ ଓ ନାରୟଣପୁର ସରପଞ୍ଚ ହିମାଂଶୁ ପ୍ରସାଦ ରାଓ ଉଦ୍‌ଘାଟନ କରିଥିବା ବେଳେ ବିପିଏମ୍ ଅଜୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ୧୦୪ ଯୁବତୀ ଯୁବକ ପଞ୍ଜୀକରଣ କରିଥିବା ବେଳେ ୬୩ ଚୟନ ହୋଇଛନ୍ତି। ଏହି ଅବସରରେ ପବିତ୍ରା ଦୋରା, ଚିତ୍ରସେନ ନାୟକ, ରୋଜା ରାଣୀ ପଟ୍ଟନାୟକ, ପିଇଓ ସୁଜାତା ପଟ୍ଟନାୟକ ଓ ବଳରାମ ସେଠୀ ଉପସ୍ଥିତ ଥିଲେ।

## ଅଟୋକୁ ଧକ୍କାଦେଲା ବସ୍, ୫ ଆହତ



ଛତ୍ରପୁର,୧୪।୧୨(ଡି.ଏନ୍.ଏ.)- ଛତ୍ରପୁର ବାଇପାସ କଲେଜ ଛକ ନିକଟ ଜାତୀୟ ରାଜପଥରେ ସୋମବାର ଏକ ଅଟୋକୁ ପଛପଟୁ ବସ୍ ଧକ୍କା ଦେଇଥିଲା। ଏଥିରେ ଅଟୋ ଚାଳକ ଓ ଅଟୋରେ ଥିବା ୪ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୁରୁଷୋତ୍ତମପୁର ଥାନା ଆଛୁଲି ଗାଁର କେତେଜଣ ଅଟୋ (ନଂ.ଓଡି ୦୭ଆର ୬୦୦୨)ରେ ଛତ୍ରପୁରସ୍ଥିତ ଶ୍ରମ କାର୍ଯ୍ୟାଳୟକୁ ଆସୁଥିଲେ। ଛତ୍ରପୁର କଲେଜ ଛକଠାରେ ଉକ୍ତ ଅଟୋକୁ ପଛପଟୁ ବସ୍ (ଜେଏଚ ୦୫ବିଜି ୪୬୭୮) ବସ୍ ଧକ୍କା ଦେଇଥିଲା।

## ବେଆଇନ ଗଡୁଛି ଅଟୋ

ଚିକିଟି,୧୪।୧୨(ଡି.ଏନ୍.ଏ.)-ଚିକିଟି, ଚାନ୍ଦପୁର, ନୂଆପଡ଼ା ଏବଂ ଆଖପାଖ ଗ୍ରାମାଞ୍ଚଳରେ ଆନ୍ଧ୍ର ନମ୍ବର ଥାଇ ଅଧିକାଂଶ ଅଟୋ ଚାଲୁଛି । ଓଡ଼ିଶା ପରିବହନ ବିଭାଗର ବିନା ଅନୁମତିରେ ଯାତ୍ରୀ ନେବା ଆଣିବା କରିବା ସହିତ ଜିନିଷପତ୍ର ପରିବହନ ହେଉଛି। ଆବଶ୍ୟକତାଠାରୁ ଅଧିକ ଯାତ୍ରୀଙ୍କୁ ବିପଦପୂର୍ଣ୍ଣ ଭାବେ ନିଆଯାଉଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି । ବିନା ଲାଇସେନ୍ସ ଏବଂ ନାବାଳକମାନେ ଅଟୋ ଚଳାଉଥିବାରୁ ଅଧିକ ଦୁର୍ଘଟଣା ଘଟିବାର ଆଶଙ୍କା କରାଯାଉଛି। ଏଦିଗରେ ପରିବହନ ବିଭାଗ ତରଫରୁ ଦୃଷ୍ଟି ଦେବା ସହିତ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରିବା ପାଇଁ ଦାବି ହେଉଛି।

## ପଲିଥିନ ଧରପଗଡ଼, ଜରିମାନା ଆଦାୟ

ଆସିକା,୧୪।୧୨(ଡି.ଏନ୍.ଏ.)-ଆସିକା ଏନ୍‌ଏସିରେ ବେଧଡ଼କ ପଲିଥିନ କାରବାର ଚାଲିଛି। ସୋମବାର ବିନାୟକ ବଜାର, ଲକ୍ଷ୍ମୀବଜାର, ବସଷ୍ଟାଣ୍ଡ, କଳିଙ୍ଗାରୋଡ୍, ବିଜୁ ପଟ୍ଟନାୟକ ଛକ ଆଦିରେ ଏନ୍‌ଏସି ପ୍ରଶାସନ ପଲିଥିନ ଧରପଗଡ଼ କରାଯାଇଥିଲା। ୧୦ଟି ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ କରାଯାଇ ପ୍ରାୟ ୯୦ କେଜି ପଲିଥିନ ଜବତ ସହ ୨୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ କହଁର ସୂଚନା ଦେଇଛନ୍ତି। ଚଢ଼ାଉରେ ନିର୍ବାହୀ ଅଧିକାରୀ କହଁରଙ୍କ ସମେତ ପ୍ରଶିକ୍ଷଣରେ ଥିବା ଆଇଏଏସ୍ ଅଧିକାରୀ ଆଦିତ୍ୟ ଗୋଏଲ, ତହସିଲଦାର ସଦାନନ୍ଦ ସେଠୀ ସାମିଲ ଥିଲେ।

# ବଢୁଛି ଘିଅମୁଆଁ ଚାହିଦା

ବ୍ରହ୍ମପୁର ଅଫିସ,୧୪।୧୨

ଧନୁ ସଂକ୍ରାନ୍ତି ଉପଲକ୍ଷେ ବ୍ରହ୍ମପୁର ସହରର ବହୁ ମିଠା ଦୋକାନରେ ଭିନ୍ନ ଭିନ୍ନ ରକମର ମୁଆଁ ବିକ୍ରି ଆରମ୍ଭ ହୋଇଛି । ବଡ଼ ବଜାର, ଗିରି ମାର୍କେଟ, ପାନ ବିକା ସାହି ଓ ଗେଟ୍ ବଜାର ଆଦି ଅଞ୍ଚଳରେ ମୁଆଁ ବିକ୍ରି ହେଉଛି। ଏହି ଦିନଗୁଡିକରେ ବନ୍ଧୁ ବାନ୍ଧବ ପରସ୍ପର ମଧ୍ୟରେ ମୁଆଁ ବଣ୍ଟନ କରି ଖୁସି ମନାଇଥାନ୍ତି। ବଜାରରେ ଘିଅ ମୁଆଁର ଅଧିକ ଚାହିଦା ରହିଥିବା ବେଳେ ମସଲା, ବାଦାମ, ସ୍ପେଶାଲ୍ ଭଳି ବିଭିନ୍ନ ସ୍ୱାଦର ମୁଆଁ ମିଳୁଛି। ଯାହାର ଦର ୧୦୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ତେବେ ସହରର ଏଭଳି କେତେକ ବ୍ୟବସାୟୀ ରହିଛନ୍ତି, ଯେଉଁମାନେ ମୁଆଁ ବ୍ୟବସାୟରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଏମାନଙ୍କ ଦ୍ୱାରା ପ୍ରସ୍ତୁତି ମୁଆଁ ଜିଲା ସମେତ ବିଦେଶରେ ବି ସ୍ୱାଦରେ ଖ୍ୟାତି ଲାଭ କରିଛି। ପାନବିକା ସାହି ଅଞ୍ଚଳରେ ରହିଥିବା ଜୟକୃଷ୍ଣ ସାମଲଙ୍କ ମୁଆଁ ସହରରେ ବେଶ୍ ପରିଚିତ। ମୁଆଁରେ ସାଧାରଣତଃ ଘିଅ, କାଜୁ ଓ ନଡ଼ିଆ ମିଶ୍ରିତ ହୋଇ ପ୍ରସ୍ତୁତ ହୋଇଥାଏ। ଯାହାକି ଧନୁ ସଂକ୍ରାନ୍ତିରେ ପୂଜା ନିମନ୍ତେ ଏହାର ବେଶ୍ ଚାହିଦା ରହିଛି। ଧନୁ ସଂକ୍ରାନ୍ତିଠାରୁ ଜାନୁୟାରୀର ପୋଙ୍ଗଲ ଉତ୍ସବ ଯାଏ ମୁଆଁ କିଣିବାକୁ ଗ୍ରାହକଙ୍କ ଭିଡ଼ ଜମିଥାଏ। ସେହିଭଳି ବଡ଼ ବଜାର ଛକରେ ଉମା ଶଙ୍କର ରାଓ ହୋଲ୍‌ସେଲ୍ ମୁଆଁ ବ୍ୟବସାୟୀ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ଏହି ସମୟରେ ମୁଆଁ କିଣିବାକୁ ଭିଡ଼ ଜମିଥାଏ। ଦୀର୍ଘ ୫୦ ବର୍ଷ ଧରି ଉମାଶଙ୍କର ହୋଲ୍‌ସେଲ୍‌ରେ ମୁଆଁ ବିକ୍ରି କରୁଛନ୍ତି। ଜିଲା ସମେତ ବାହାର ବ୍ୟବସାୟୀମାନେ ଆସି ଉମାଶଙ୍କରଙ୍କଠାରୁ ମୁଆଁ କ୍ରୟକରି ନେଇଥାନ୍ତି। ତାହାବି ସୁଲଭ ଦରରେ ମିଳିଥାଏ। କିନ୍ତୁ ଚଳିତ ଥର କରୋନା କାରଣରୁ ଶ୍ରମିକ ନ ମିଳିବା ଯୋଗୁ ଆବଶ୍ୟକ ପରିମାଣ ମୁଆଁ ପ୍ରସ୍ତୁତି ହୋଇ ନ ଥିବା ଉମାଶଙ୍କର କହିଛନ୍ତି। ତେବେ ଆଗାମୀ ଦିନରେ ବ୍ୟବସାୟ ଆଶାନୁରୂପ ହେବ ବୋଲି ବହୁ ବ୍ୟବସାୟୀ ମତ ପ୍ରକାଶ କରିଛନ୍ତି।



ବିକ୍ରୟ ପାଇଁ ରହିଥିବା ମୁଆଁ।

### ଆଜି ଧନୁ ସଂକ୍ରାନ୍ତି



"ସଂକ୍ରାନ୍ତି ଦିନରୁ ହିଁ ମୁଆଁ ବିକ୍ରି ଆରମ୍ଭ ହୋଇଥାଏ। ଚଳିତ ଥର ଆଶାନୁରୂପ ବ୍ୟବସାୟ ହେବ ବୋଲି ଆଶା ରଖିଛୁ।

–ଜୟକୃଷ୍ଣ ସାମଲ(ବ୍ୟବସାୟୀ



"କାରିଗର ସଂଖ୍ୟା କମ୍ ରହିଥିବାରୁ ଚଳିତ ଥର ମୁଆଁ କମ୍ ପ୍ରସ୍ତୁତି ହୋଇଛି। ଲକ୍‌ଡ଼ାଉନ୍ ଯୋଗୁ ରାଜ୍ୟ ବାହାରକୁ ମୁଆଁ ରପ୍ତାନି କରିବାରେ ଅସୁବିଧା ଦେଖାଦେଇଛି।

–ଉମାଶଙ୍କର ମିଶ୍ର(ବ୍ୟବସାୟୀ)

# ଜେଲ ଗଲେ ଆଇପିଏଲ୍ ବୁକି

ବ୍ରହ୍ମପୁର ଅଫିସ,୧୪।୧୨

ଗୋଷାଣିନୂଆଗାଁ ପୋଲିସ ସୋମବାର ପୁଣି ଜଣେ ଆଇପିଏଲ୍ କ୍ରିକେଟ ବେଟିଂ ବୁକିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଅଜୟ କୁମାର ପଣ୍ଡା (୨୯) ଗୋଲନ୍ଥରା ଥାନା ଅନ୍ତର୍ଗତ କନିଷିର ହୋଇଥିବା ବେଳେ ପୋଲିସ ତାଙ୍କୁ ସଦାନନ୍ଦ ବିହାରରେ ଥିବା ରାଜାରାଣୀ ପିସ୍ ହୋମ ନାମକ ଏକ ଆପାର୍ଟମେଣ୍ଟରୁ ଗିରଫ କରିଥିଲା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୧ ହଜାର ୫ ଶହ ଟଙ୍କା, ୫ ମୋବାଇଲ ସେଟ, ସିମ୍ କାର୍ଡ ଓ ଏଟିଏମ କାର୍ଡ ଆଦି ଜବତ କରିଥିବା କହିଛି। କୋର୍ଟରେ ଅଜୟଙ୍କ ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ସୁମିତ ସୋରେନ ସୂଚନା ଦେଇଛନ୍ତି। ଅଜୟଙ୍କୁ ରବିବାର ମାମଲା ନମ୍ବର ୧୪୧/୨୦ ରେ ଗିରଫ କରାଯାଇଥିଲା। ଅନ୍ୟପଟେ ଏହି ମାମଲାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।



ଅଜୟ

## ସିଟି କଲେଜରେ ସ୍ୱଚ୍ଛ ଭାରତ ପକ୍ଷ ପାଳନ

ବ୍ରହ୍ମପୁର ଅଫିସ୍,୧୪।୧୨

ସିଟି କଲେଜ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସୋମବାର ସ୍ୱଚ୍ଛ ଭାରତ ପକ୍ଷ ପାଳନ ହୋଇଛି। ସଚେତନତା ରାଲି, ସର୍ବସାଧାରଣ ସ୍ଥାନରେ ସଫେଇ କାର୍ଯ୍ୟ, ହାତଧୁଆ ପ୍ରଶିକ୍ଷଣ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଦିଲୀପ କୁମାର ପାତ୍ର, ସିଟିଓ ମେଘନାଦ ପ୍ରଧାନ, ଦୀପକ ରଞ୍ଜନ ମିଶ୍ର, ଡ.ଅଜୟ କୁମାର ପେଣ୍ଟୋଇ ଓ ଏନ୍‌ସିସି ୟୁନିଟ୍ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଭାଜପା ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର ଅଫିସ୍,୧୪।୧୨

ଭାଜପା କମାପଲୀ ମଣ୍ଡଳ ପକ୍ଷରୁ ଗଜପତିନଗର କଲ୍ୟାଣ ମଣ୍ଡପରେ ସୋମବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ବାଳକୃଷ୍ଣ ସାମନ୍ତରାୟ ଓ ନିରଞ୍ଜନ ପାଣିଗ୍ରାହୀ ଭାଜପାର ଇତିହାସ, ବିକାଶ ଏବଂ ରାଷ୍ଟ୍ରୀୟ ସୁରକ୍ଷା, ସାମର୍ଥ୍ୟ ଓ ଆତ୍ମନିର୍ଭରଶୀଳତା ନେଇ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ କମାପଲୀ ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଭାଜପା ବିଧାୟକ ପ୍ରାର୍ଥୀ କାହ୍ନୁ ଚରଣ ପତି ଦଳକୁ ସୁଦୃଢ଼ କରିବା ପାଇଁ ମୋ ବୁଥ୍‌କୁ ସବୁଠୁ ମଜବୁତ୍ କରିବା କ୍ଷେତ୍ରରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶିଷ ସାହୁ, ପ୍ରଦୀପ ସାହୁ ଓ ଆଶିଷ ପଣ୍ଡାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




ଭାଜପାର ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

# ବ୍ୟାପକ ଫସଲ ନଷ୍ଟ କଲେ ହାତୀ

କୁକୁଡାଖଣ୍ଡି,୧୪।୧୨

କୁକୁଡାଖଣ୍ଡି ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କଙ୍କିଆ, ଡେଙ୍ଗାପଡାର, କୁମ୍ଭଝରି, ନୂଆପଡା ଭଳି ଅନେକ ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ହଜାର ହଜାର ଏକର ଧାନ ଫସଲ ନଷ୍ଟ କରି ଦେଉଛନ୍ତି। ସୋରଡ଼ା ଅଞ୍ଚଳରୁ ଶନିବାର ୧୦ ହାତୀ କୁକୁଡାଖଣ୍ଡିର ବିଭିନ୍ନ କ୍ଷେତରେ ପ୍ରବେଶ କରି ବ୍ୟାପକ ଧାନ ଫସଲ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଖବର ପାଇ ବନ ବିଭାଗ ପକ୍ଷରୁ ୪ ଟିମ ଜଙ୍ଗଲରେ ପହଞ୍ଚି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ବିଭାଗର ୨୪ ଜଣ କର୍ମଚାରୀ ବ୍ରହ୍ମପୁର ଓ ଟାମଣ ଅଞ୍ଚଳରେ ସାଇରନ୍ ଏବଂ ଢୋଲ ବଜାଇ ହାତୀ ଘଉଡ଼ାଇବାକୁ ଚେଷ୍ଟା ଜାରି ରଖିଛନ୍ତି। ହାତୀ ଯେଉଁ ଚାଷୀଙ୍କ ଫସଲ ନଷ୍ଟ କରୁଛି, ତାହାର ଆକଳନ କରାଯାଉଛି। କ୍ଷୟକ୍ଷତିର ସବିଶେଷ ତଥ୍ୟ ବିଭାଗକୁ ପ୍ରଦାନ କଲେ କ୍ଷତିପୂରଣ ଦିଆଯିବ ବୋଲି କୁହାଯାଇଛି।

## ଗଞ୍ଜାମ ଜିଲା ବିଭିନ୍ନ କନିଷ୍ଠ ମହାବିଦ୍ୟାଳୟରେ ୧୧ ହଜାରରୁ ଅଧିକ ସିଟ୍ ଖାଲି

ବ୍ରହ୍ମପୁର ଅଫିସ, ୧୪।୧୨

ଗଞ୍ଜାମ ଜିଲାରେ ଥିବା ୧୩୧ କନିଷ୍ଠ ମହାବିଦ୍ୟାଳୟରୁ କଳାରେ ୧୯୭୬୧ ସିଟ୍ ମଧ୍ୟରୁ ୧୮୧୩୧ସିଟ୍ ପୂରଣ ହୋଇଥିବା ବେଳେ ଖାଲି ପଡିଛି ୧୬୩୦ । ସେହିପରି ବିଜ୍ଞାନରେ ସିଟ୍ ସଂଖ୍ୟା୧୫୩୬୧ରୁ ୮୯୯ପୂରଣ ହୋଇଛି । ଖାଲି ପଡିଛି ୭୨୬୨। ବାଣିଜ୍ୟରେ ୪୧୪୪ସିଟ୍‌ରୁ ୨୩୮୧ ସିଟ ପୁରଣ ହୋଇଥିବା ବେଳେ ୧୭୬୩ ଖାଲି ପଡ଼ିଛି, ସଂସ୍କୃତରେ ୩୨୦ ସିଟରୁ ୨୮୨ ପୂରଣ ହୋଇଛି ବାକି ଅଛି ୮, ଧନ୍ଦାମୂଳକ (ଭୋକେଶନାଲ) ୫୬୪ ସିଟରୁ ୨୪୪ ଆଡ୍‌ମିଶନ ନେଇଥିବା ବେଳେ ୩୨୦ ବଳକା ରହିଛି ବୋଲି ସାମସ୍ ଅଫସର ଇନ୍‌ଚାର୍ଜ ଥିବା ଭାଗୀରଥି କାଣ୍ଡି ସୂଚନା ଦେଇଛନ୍ତି।

# କୃଷକ ସଙ୍ଗଠନର ଧାରଣା




ଧାରଣାରେ ବସିଥିବା କୃଷକ ସଙ୍ଗଠନର ସଦସ୍ୟମାନେ।

ଛତ୍ରପୁର,୧୪।୧୨(ଡି.ଏନ୍.ଏ.)

### କୃଷି ଆଇନ ପ୍ରତ୍ୟାହାର ଦାବି

କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ ସର୍ବନାଶକାରୀ କୃଷି ଆଇନ ପ୍ରତ୍ୟାହାର, ଜନବିରୋଧୀ ପ୍ରସ୍ତାବିତ ବିଦ୍ୟୁତ ସଂଶୋଧନ ବିଲ୍ ବାତିଲ, କୃଷି ପାଇଁ ବ୍ୟବହୃତ ଡିଜେଲର ଟିକସ ହ୍ରାସ ଆଦି ଦାବି ନେଇ ଦିଲ୍ଲୀରେ କୃଷକଙ୍କ ଆନ୍ଦୋଳନ ଜାରି ରହିଛି। କର୍ପୋରେଟ ସପକ୍ଷବାଦୀ ମୋଦି ସରକାର କୃଷକଙ୍କ ଦାବିକୁ ମାନିବା ପରିବର୍ତ୍ତେ ସେମାନଙ୍କୁ ପ୍ରତାରଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଂଯୁକ୍ତ କିଶାନ ମୋର୍ଚ୍ଚା ଡାକରାରେ ସୋମବାର ଛତ୍ରପୁରସ୍ଥିତ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି। ଚାଷୀ ସଙ୍ଗଠନର ସଦସ୍ୟମାନେ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସି ଧାରଣା ଦେଇଥିଲେ। ଏଆଇକେଏସର ନୀଳକଣ୍ଠ ଦାଶ, ଏଆଇକେକେଏସର ଶଙ୍କର ସାହୁ, ଏଆଇକେଏମଏସର ପ୍ରତାପ ନାୟକ, ଓଡିଶା କୃଷକ ସଭାର ହରିକୃଷ୍ଣ ରେଡ୍ଡୀ, ଋଷିକୁଲ୍ୟା ରୟତ ମହାସଭାର ସୀମାଞ୍ଚଳ ନାହାକ,ଏନ ନାରାୟଣ ରେଡ୍ଡୀ, ଆଇକେଏମସର ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ଦିଲୀପ ଛୋଟରାୟ ପ୍ରମୁଖ ଧାରଣାରେ ସାମିଲ ଥିଲେ।

## ବଦାଙ୍ଗିରେ ହାତୀ ଉପଦ୍ରବ

ଭଞ୍ଜନଗର,୧୪।୧୨(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ବଦାଙ୍ଗି ଅଞ୍ଚଳରେ ରବିବାର ରାତିରେ ହାତୀପଲ ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ କରିଛନ୍ତି । ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ନେତା ପ୍ରଦୀପ ସାହୁଙ୍କ ବଦାଙ୍ଗି ଫାର୍ମ ହାଉସରେ ହାତୀପଲ ପଶି ନଡ଼ିଆ, କଦଳୀ ଗଛ ନଷ୍ଟ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଡାକ୍ତର ଅଭାବ ନେଇ ଉଦ୍‌ବେଗ

ଆସିକା,୧୪।୧୨(ଡି.ଏନ୍.ଏ.)

### ରୋଗୀ କଲ୍ୟାଣ ସମିତି ବୈଠକ

ଆସିକା ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ସୋମବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଡାକ୍ତରଖାନାର ଚିକିତ୍ସାଧିକାରୀ ଦୀପକ ସାମନ୍ତରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନ ଥିବାରୁ ରୋଗୀସେବା ବ୍ୟାହତ ହେଉଥିବା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ପ୍ରାୟ ୨ବର୍ଷ ହେଲା ଏହି ଡାକ୍ତରଖାନା ଉପଖଣ୍ଡସ୍ତରୀୟ ଡାକ୍ତରଖାନା ମାନ୍ୟତା ପାଇଛି। ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ସମେତ ୧୬ ଡାକ୍ତର ଏଠାରେ ରହିବା କଥା। ହେଲେ ବର୍ତ୍ତମାନ ଚିକିତ୍ସାଧିକାରୀଙ୍କୁ ମିଶାଇ ମାତ୍ର ୪ ଜଣ ଡାକ୍ତର ଥିବାରୁ ରୋଗୀସେବାରେ ବହୁ ଅସୁବିଧା ହେଉଛି। ଏଠାରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏଥିମଧ୍ୟରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ତାଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଛି । ତେଣୁ ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା। ଡାକ୍ତରଖାନାର ଏକ୍ସ-ରେ ମେଶିନ କାର୍ଯ୍ୟକ୍ଷମ କରିବା ସହ ଡିଜିଟାଲ ଏକ୍ସ-ରେ ବ୍ୟବସ୍ଥା ଯୋଗାଇବା, ରକ୍ତ ସଂରକ୍ଷଣ କେନ୍ଦ୍ରକୁ ପୁନଃ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଡାକ୍ତରଖାନା ପାଚେରୀକୁ ଜାଣିଶୁଣି ଭାଙ୍ଗି ଦିଆଯାଉଥିବାରୁ ଅସାମାଜିକ ବ୍ୟକ୍ତିମାନେ ପଶି ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ପାଚେରୀ ନିର୍ମାଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ରୋଗୀ କଲ୍ୟାଣ ସମିତିର ବହୁ ସଦସ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଏହି ଅବସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ବିଧାୟିକା ସ୍ୱାଇଁ ଓ ଅନ୍ୟମାନେ ଡାକ୍ତରଖାନା ପରିସରକୁ ସଫେଇ କରିଥିଲେ ।




ବୈଠକରେ ଆଲୋଚନା ଚାଲିଛି।

# ମହିଳାଙ୍କ ସୁନାଚେନ୍ ଝାମ୍ପିନେଲେ

ଛତ୍ରପୁର,୧୪।୧୨(ଡି.ଏନ୍.ଏ.)

ଛତ୍ରପୁର ସହର ପାତ୍ରସାହିରୁ ସୋମବାର ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ସୁନାଚେନ ଓ ମଙ୍ଗଳସୂତ୍ର ଛିଣ୍ଡାଇ ନେଇ ଚମ୍ପଟ ମାରିଛନ୍ତି। ଲୁଟ୍‌ର ଶିକାର ମହିଳା ଜଣଙ୍କ ହେଲେ ଜାମସେଦପୁରର ଆଶା ଦେବୀ। ଝିଆରୀର ଭୋଜିରେ ଯୋଗଦେବାକୁ ଛତ୍ରପୁର ଆସିଥିବା ଆଶାଦେବୀ ସ୍ଥାନୀୟ ରାମ୍ଭାୟାଣାମ୍ମା ମନ୍ଦିରକୁ ଯାଇ ଫେରିବା ବେଳେ ସମ୍ପର୍କୀୟଙ୍କ ଘର ଆଗରେ ୨ ଦୁର୍ବୃତ୍ତ ଏକ କଳାରଙ୍ଗର ବାଇକ୍‌ରେ ପଛପଟୁ ଆସି ବେକରୁ ଦୁଇ ଭରି ଓଜନ ସୁନାଚେନ ଓ ମଙ୍ଗଳସୂତ୍ର ଛିଣ୍ଡାଇ ଥିଲେ ବୋଲି ଆଶାଦେବୀ କହିଛନ୍ତି। ଏ ନେଇ ସେ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ଛତ୍ରପୁର ପୋଲିସ ଏକ ମାମଲାର ରୁଜୁ କରି ଘଟଣାସ୍ଥଳରେ ଥିବା ସିସି କ୍ୟାମେରା ଫୁଟେଜ ଯାଞ୍ଚ କରିଛି।

# ବନ୍ଦ ଘରୁ ୩୩୦ କେଜି ଗଞ୍ଜେଇ ଜବତ

ଗୋପାଳପୁର,୧୪।୧୨

ଗୋଲନ୍ଥରା ଥାନା ଅଟୋନଗର ଶେଷ ଭାଗରେ ଥିବା ଏକ ବନ୍ଦ କୋଠରିରୁ ସୋମବାର ସକାଳେ ଅବକାରୀ ବିଭାଗ ୩୩୦ କେଜି ଗଞ୍ଜେଇ ଜବତ କରିଛି। କିଛିଦିନ ହେଲା ଉକ୍ତ ଘରେ ଗଞ୍ଜେଇ ବ୍ୟବସାୟ ଚାଲୁଥିଲା। ଖବର ପାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କନିଷ୍ଠ ତହସିଲଦାର ତାପସ ରାଉତ, ଅବକାରୀ ଷ୍ଟ୍ରାଇକିଂ ଫୋର୍ସ, ସଦର ଓ ଗୋପାଳପୁର ଅବକାରୀ ପୋଲିସ ମିଳିତ ଉଦ୍ୟମରେ କୋଠରିରେ ଚଢ଼ାଉ କରି ୧୧ ବସ୍ତା ଗଞ୍ଜେଇ ଜବତ କରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଉକ୍ତ କୋଠରିଟି ଇଡ୍‌କୋ ଅଧିକୃତ ଜମିରେ ହୋଇଥିବା ବେଳେ ଏହି ଜମି କାହାର ସେନେଇ ଚିଠି କରାଯିବ ବୋଲି ଅବକାରୀ ସବ୍‌ଇନ୍ସପେକ୍ଟର ଶ୍ରୀଧର ମହାନ୍ତି କହିଛନ୍ତି। ଏନେଇ ଅବକାରୀ ଷ୍ଟ୍ରାଇକିଂ କେସ୍ ନଂ. ୭୩/୨୦-୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।



ଜବତ ଗଞ୍ଜେଇ।

# ଝରପଲ୍ଲୀ, ରାଧାମୋହନପୁର ରାସ୍ତା ଶୋଚନୀୟ

ବ୍ରହ୍ମପୁର ଅଫିସ/ଗୋପାଳପୁର,୧୪।୧୨

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ଝରପଲ୍ଲୀଠାରୁ ରାଧାମୋହନପୁର ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହା ଗୋଲନ୍ଥରା ଥାନା ଗୋବିନ୍ଦନଗର ପଞ୍ଚାୟତ ଅନ୍ତର୍ଗତ ଝିଙ୍କିପଦର, ଝରପଲୀ, ରାଧାମୋହନପୁର ଓ ଗୋବିନ୍ଦନଗରକୁ ସଂଯୋଗ କରୁଛି।

ମିଳିଥିବା ତଥ୍ୟାନୁଯାୟୀ, ୨୦୧୮ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏକ କୋଟି ୮୭ ଲକ୍ଷ୍ୟ ଟଙ୍କା ବ୍ୟୟରେ ୨.୯୭୫ କି.ମି. ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ପିଚୁ ରାସ୍ତା ୨.୩୮୫ ଓ ୦.୫୯୦ କି.ମି. କଂକ୍ରିଟ ରାସ୍ତା ରହିଛି। ୨୦୧୬ ଡିସେମ୍ବର ୭ରେ କାମ ଆରମ୍ଭ ହୋଇଥିଲା। ୨୦୧୮ ଜୁନ୍ ୩୦ରେ କାମ ଶେଷ ହୋଇଥିବା ନେଇ ସୂଚନା ଫଳକରେ ବିରଣୀ ରହିଛି। କିନ୍ତୁ କାମ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଶେଷ ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦା କହିଛନ୍ତି। ରାସ୍ତା ନିର୍ମାଣ ପରେ ଆସନ୍ତା ୫ ବର୍ଷ ଯାଏ ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। କିନ୍ତୁ ରାସ୍ତା ନିର୍ମାଣର ଦୁଇ ବର୍ଷ ବିତିଯାଇଥିଲେ ସୁଦ୍ଧା ରକ୍ଷଣାବେକ୍ଷଣ ଅଭାବରୁ ଏହା ଶୋଚନୀୟ ହୋଇପଡିଛି। ଦୁଇ ପାର୍ଶ୍ୱ ଦବିଯାଇଥିବା ବେଳେ ପିଚୁ ଉଠି ଗଲାଣି। ଫଳରେ ଅନେକ ସମୟରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସାଧାରଣ ଜନତା ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମରାମତି ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ନେଇ ବ୍ରହ୍ମପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଭାରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ରାସ୍ତା ମରାମତି ରକ୍ଷଣାବେକ୍ଷଣ ୫ ବର୍ଷ ସମୟ ଧାର୍ଯ୍ୟ ରହିଛି। ଖୁବ୍ ଶୀଘ୍ର ଏହାର ମରାମତି କରାଯିବ।



ରାସ୍ତାରୁ ପିଚୁ ଉଠିଯାଇଛି।

## ନାବାଳିକାଙ୍କ ମୃତଦେହ ଜବତ

ପାତ୍ରପୁର,୧୪।୧୨(ଡି.ଏନ.ଏ)- ଜରଡ଼ା ଥାନା ଆଦିବାସୀ ଅଧ୍ୟୁଷିତ ବଡଅଞ୍ଜୁପା ଗ୍ରାମରେ ସୋମବାର ଜଣେ ନାବାଳିକାଙ୍କ ମୃତଦେହ ପୋଲିସ ଜବତ କରିଛି। ନାବାଳିକାଙ୍କ ମା' ବାପାଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେ ମାମୁ ଘରେ ରହି ପାଠ ପଢୁଥିଲେ। କିଛି ଦିନ ତଳେ ନାବାଳିକା ଜଣକ ସାବତ ମା'ଙ୍କ ଘରକୁ ଆସିଥିଲେ। ସୋମବାର ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ପାଇ କେହି ହତ୍ୟା କରିଥିବାର ମାମୁ ତୁମ୍ଭା ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଅହମ୍ମଦାବାଦ ଗଲେ ହୃଦ୍‌ରୋଗ ପୀଡ଼ିତ ୧୦ ଶିଶୁ
#### ମାଗଣାରେ ହେବ ଅସ୍ତ୍ରୋପଚାର

ଛତ୍ରପୁର,୧୪।୧୨(ଡି.ଏନ୍.ଏ.)- ହୃଦରୋଗରେ ପୀଡ଼ିତ ଗଞ୍ଜାମ ଜିଲାର ୧୦ ଶିଶୁଙ୍କୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଯୋଜନାରେ ମାଗଣାରେ ଅସ୍ତ୍ରୋପଚାର ପାଇଁ ରବିବାର ରାତିରେ ଅହମଦାବାଦ ପଠାଯାଇଛି। ଅହମ୍ମଦାବାଦର ସତ୍ୟସାଇ ହୃଦ୍ ହସ୍ପିଟାଲରେ ସେମାନଙ୍କର ମାଗଣା ଅସ୍ତ୍ରୋପଚାର ହେବ। ଖୋର୍ଦ୍ଧାରୋଡ୍ ଷ୍ଟେଶନରୁ ଟ୍ରେନ ଯୋଗେ ଶିଶୁମାନଙ୍କୁ ଅହମ୍ମଦାବାଦ ପଠାଯାଇଛି। ଅସ୍ତ୍ରୋପଚାର ପାଇଁ ପୋଲସରା ବ୍ଲକ କଳମ୍ବ, ଖଲ୍ଲିକୋଟର ବାଲୁକେଶ୍ୱର ଓ ଏନ. ବରପଲ୍ଲୀ, ବୁଗୁଡ଼ା ବ୍ଲକ ଆଦିପୁର, କବିସୂର୍ଯ୍ୟନଗରର ବାଲିଆପଲି, ବରିଡ଼ା, ଆଲିପୁର, ସିଦ୍ଧେଶ୍ୱର, ଗଞ୍ଜାମ ବ୍ଲକର କାଚରା ଏବଂ ଖଜୁରିଆଗାଁର ଜଣେ ଲେଖାଏ ଶିଶୁ ଯାଇଛନ୍ତି।

### କୁକୁଡ଼ା ଫାର୍ମ ପୋଡ଼ିବା ଅଭିଯୋଗରେ ଭାଇ ଗିରଫ

ବୁଗୁଡ଼ା,୧୪।୧୨(ଡି.ଏନ୍.ଏ.)- ବୁଗୁଡ଼ା ଥାନା ନୂଆ ପାଣିକେଶର ଗ୍ରାମ ନିକଟରେ ଥିବା ଏକ କୁକୁଡ଼ା ଫାର୍ମ ହାଉସ୍‌କୁ ପୋଡ଼ିଦେବା ଅଭିଯୋଗରେ ପୋଲିସ ସୋମବାର ବଡ଼ବାପା ପୁଅ ଭାଇଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ସଚ୍ଚିନ୍ଦ୍ର ସ୍ୱାଇଁ। ଏ ନେଇ ବୁଗୁଡ଼ା ଥାନାରେ ନଂ. ୩୭୭/୨୦ରେ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ପାଣିକେଶର ଗ୍ରାମର ପଦ୍ମନାଭ ସ୍ୱାଇଁ ଗ୍ରାମ ନିକଟରେ କୁକୁଡ଼ା ଫାର୍ମ କରିଥିଲେ। ଶନିବାର ସନ୍ଧ୍ୟାରେ ସେ ବ୍ୟବସାୟୀଙ୍କୁ କୁକୁଡ଼ା ଦେଉଥିବା ବେଳେ ହଠାତ୍ ଫାର୍ମରେ ନିଆଁ ଲାଗିଯାଇ କେତେଟା କୁକୁଡ଼ା ଜଳି ଯାଇଥିଲେ। ଗ୍ରାମର ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଏତଲାକୁ ଭିତ୍ତି କରି ପୋଲିସ ସଚ୍ଚିନ୍ଦ୍ରଙ୍କୁ ଅଟକ ରଖିଥିଲା।

### ଜି. ଉଦୟଗିରି ଓକିଲ ସଂଘ
### ଏନ୍. କେଶରୀ ସଭାପତି ନିର୍ବାଚିତ

ଜି.ଉଦୟଗିରି,୧୪।୧୨(ଡି.ଏନ୍.ଏ.)- ଜି.ଉଦୟଗିରି ବାର ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ନିର୍ବାଚନରେ ସଭାପତି ଭାବେ ନିର୍ବାଚନ କେଶରୀ ଭୋଇ, ସମ୍ପାଦକ ଭାବେ ରମେଶ ଚନ୍ଦ୍ର ବେହେରା, ସହ ସମ୍ପାଦକ ଭାବେ ବୁଲୁ ସାହେବ ସେଠୀ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରିଣୀ ସଭ୍ୟ ଭାବେ ରଞ୍ଜନ କୁମାର ନାୟକ ଏବଂ ପ୍ରତାପ ଚନ୍ଦ୍ର ନାୟକ ନିର୍ବାଚିତ ହୋଇଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଅଟକ

କାଶୀନଗର,୧୪।୧୨- କାଶୀନଗର ପୋଲିସ ସତ୍ୟସାଇ ଗ୍ୟାସ୍ ଏଜେନ୍ସି ନିକଟ ଆମ୍ବତୋଟାରେ ଚାଲିଥିବା ଜୁଆ ଆଡ୍ଡାରେ ସୋମବାର ଚଢ଼ାଉ କରି ୪ ଜଣ ଅଭିଯୁକ୍ତଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ୫୪୪୦ ଟଙ୍କା ଜବତ ହୋଇଛି। ଏ ନେଇ ନଂ.୧୨୦/୨୦ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି।

### ଆବେଦନର ୩ ବର୍ଷ ବିତିଲା
### ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହିତାଧିକାରୀ

ଚିକିଟି,୧୪।୧୨(ଡି.ଏନ୍.ଏ.)- ରାଜ୍ୟ ସରକାର ବୃଦ୍ଧା ବୃଦ୍ଧଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ହୋଇଛି। ଏହି ଯୋଜନାରେ ୬୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ଭତ୍ତା ଆକାରରେ ପେନ୍‌ସନ ଯୋଗାଇ ଦିଆଯାଇଥାଏ। ହେଲେ କେତେଜଣ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଚିକିଟି ବ୍ଲକ ଅଧୀନ ବାତରଡାପଲ୍ଲୀ ଗ୍ରାମର ରୁଷିଆ ନାୟକ (୭୦), ଗଣପତି ନାୟକ (୭୩), ନାଥ ନାୟକ (୬୮), ମଙ୍ଗଳା ଦଳାଇ (୭୧), ହରି ପାଇକ (୬୭), ଶତ୍ରୁ ପାଇକ (୭୩) ଭଳି ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଦୀର୍ଘ ୩ବର୍ଷ ତଳେ ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ ମଧ ବର୍ତ୍ତମାନ ଯାଏ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ଭତ୍ତା ପାଇବା ପାଇଁ ସେମାନେ ଫର୍ମ ପୂରଣ କରି ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଥିଲେ ଏବଂ ବିଡିଓଙ୍କୁ ଗୁହାରି କଲେ ମଧ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ଚିକିଟି ବିଡିଓ ଫାଲଗୁନ ମାଝୀଙ୍କୁ ପଚାରିବାରୁ ଏ ନେଇ କୌଣସି ଅଭିଯୋଗ ଆସିନି, ସେମାନେ ଯଦି ଭତ୍ତା ପାଇବାକୁ ଯୋଗ୍ୟ ତେବେ ତଦନ୍ତ କରି ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ।

# ନବନିର୍ମାଣ କୃଷକ ସଙ୍ଗଠନର ଧାରଣା

ଫୁଲବାଣୀ ଅଫିସ, ୧୪।୧୨

କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନକୁ କନ୍ଧମାଳ ଜିଲା ନବ ନିର୍ମାଣ କୃଷକ ସଙ୍ଗଠନ ସମର୍ଥନ ଜଣାଇଛି। ସୋମବାର ସଙ୍ଗଠନ ପକ୍ଷରୁ ଫୁଲବାଣୀରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ଦ୍ୱାରା କର୍ପୋରେଟ ଜଗତର ବଡ଼ ପଣ୍ଡାମାନେ କୃଷି କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିବେ। ଚାଷୀ ବହୁ ସମସ୍ୟା ଭୋଗିବେ। ସରକାରଙ୍କ ଏହି ଷଡ଼ଯନ୍ତ୍ର ବିରୋଧରେ ଧାରଣା ଦିଆଯାଇଛି ବୋଲି ସଙ୍ଗଠନ ଜିଲା ସଂଯୋଜକ ଚାଣକ୍ୟ କହଁର ପ୍ରକାଶ କରିଛନ୍ତି। ଚାଷୀଙ୍କ ଦାବିକୁ ସରକାର ତୁରନ୍ତ ନ ମାନିଲେ ଆଗକୁ ପରିସ୍ଥିତି ଭୟାନକ ହେବ ବୋଲି ବରିଷ୍ଠ ନେତା ଅକ୍ଷୟ କୁମାର ଚେତାବନୀ ଦେଇଛନ୍ତି। ଜିଲା ପ୍ରଭାରୀ ସନ୍ତୋଷ ପାତ୍ର କୃଷି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱାମିତ୍ର ଦିଗାଲ, ଲାବଣ୍ୟ ଦିଗାଳ, ମନୋଜ କହଁର ପ୍ରମୁଖ ଧାରଣାରେ ସାମିଲ ଥିଲେ। ସେହିଭଳି କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ ସଭାପତି ଅନାମ ନାୟକ, ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଧାରଣାରେ ବସିଥିଲେ।

## ସଂଯୁକ୍ତ କୃଷକ ମୋର୍ଚ୍ଚାର ବିକ୍ଷୋଭ



ବିକ୍ଷୋଭରେ ସାମିଲ ହୋଇଥିବା ବିଭିନ୍ନ କୃଷକ ସଙ୍ଗଠନ।

ପାରଳାଖେମୁଣ୍ଡି,୧୪।୧୨(ଡି.ଏନ୍.ଏ.)

ବିବାଦୀୟ ୩ କୃଷି ଆଇନ ପ୍ରତ୍ୟାହାର ଦାବି ନେଇ ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ସିପିଆଇ(ଏମ), ଏଆଇକେଏମଏସ, ଏଆଇକେଏସସିସି, ଡିୱାଇଏଫଆଇ, ଏଆଇକେଏସ, ଏଆଇଏଡବ୍ଲ୍ୟୁ, ଏଏଏମ, ସିଟୁ ଏବଂ ଜିଲା ରଇତ କୁଲି ଓ ରଇତ ସଂଘ ଧାରଣାରେ ବସି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ତୁରନ୍ତ ଉକ୍ତ ଆଇନ ପ୍ରତ୍ୟାହାର ସହ ବିଦ୍ୟୁତ ବିଲ-୨୦୨୦, ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ-୧୯୫୫ ଓ ଚାଷୀଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଧାରଣାରେ ଦଣ୍ଡପାଣି ରଇତ, ମୋହିତ ମିଶାଲ, ଏମ.ବାଙ୍ଗାରୀ, କେଦାର ଶବର, ପ୍ରଶାନ୍ତ କୁମାର ରାଉତ, ପି. ମୂରଲୀକ୍ରିଷ୍ଣା, ନାଗେଶ୍ୱର ଶବର, ଆର. ଲୋକନାଥମଙ୍କ ସମେତ ବିଭିନ୍ନ କୃଷକ ସଙ୍ଗଠନର ବହୁ ସଦସ୍ୟ ସାମିଲ ହୋଇଥିଲେ। କଂଗ୍ରେସ ପକ୍ଷରୁ ଉକ୍ତ ଆନ୍ଦୋଳନକୁ ସମର୍ଥନ କରାଯାଇଥିଲା।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୪ କୃଷକ ସଙ୍ଗଠନ

ଭଞ୍ଜନଗର,୧୪।୧୨(ଡି.ଏନ.ଏ)

କୃଷି ଆଇନ ପ୍ରତ୍ୟାହାର ଦାବିରେ ସୋମବାର ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ କୃଷକ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ସରକାର ବିବାଦୀୟ ଉକ୍ତ ଆଇନ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଙ୍ଗଠନର ନେତାମାନେ ଚେତାବନୀ ଦେଇଛନ୍ତି। ହରିକୃଷ୍ଣ ସାହୁ, ବାସୁଦେବ ଗୌଡ଼, ସୋମନାଥ ନାୟକ, ଅଭିମନ୍ୟୁ ଗୌଡ଼, ନୀଳମଣି ଗୁରୁ, ସତ୍ୟ ନାୟକ, ଗଣେଶ ପାଗଡ଼, ସଂଗ୍ରାମ ନାୟକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ଭଞ୍ଜନଗରରେ ଚାଷୀ ସଙ୍ଗଠନ ନେତା ବାସୁଦେବ ଗୌଡ଼ ଉଦ୍‌ବୋଧନ ଦେଉଛନ୍ତି।

## ମହେନ୍ଦ୍ରଗିରିର ବିକାଶ ଲାଗି ବୈଠକ

ପାରଳାଖେମୁଣ୍ଡି, ୧୪।୧୨(ଡି.ଏନ୍.ଏ.)

ପରାଳଖେମୁଣ୍ଡି ସଦର ମହକୁମାରେ ରବିବାର ମହେନ୍ଦ୍ରଗିରିର ଉନ୍ନତି ଓ ସାମଗ୍ରିକ ବିକାଶ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ପାରଳାଖେମୁଣ୍ଡି ସ୍ଥିତ ବଡ ରାଧାକାନ୍ତ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ମହେନ୍ଦ୍ରଗିରି ଜୈବମଣ୍ଡଳ ଓ ରାମାୟଣ ତୀର୍ଥ କ୍ଷେତ୍ର ପକ୍ଷରୁ ବହୁ ସାଧୁସନ୍ଥମାନେ ମହେନ୍ଦ୍ରଗିରର ବିକାଶ ନେଇ ଆଲୋଚନା କରିଥିଲେ। ମହେନ୍ଦ୍ରଗିରି ସୁରକ୍ଷା ମଞ୍ଚର ସଭାପତି ପୂର୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ମହେନ୍ଦ୍ରଗିରିର ସ୍ୱାମୀ ଲକ୍ଷ୍ମୀବାବା, ମହନ୍ତ ମହାରାଜ ରାମାନନ୍ଦ ଦାସ, ମହନ୍ତ ମହାରାଜ ରାଧାଚରଣ ଦାସ, ମହନ୍ତ ମହାରାଜ ଯଶୋଦା ନନ୍ଦନ ଦାସ, ଗଞ୍ଜାମ ଜିଲା ଭାଜପା ସଭାପତି ବିଭୂତି ଜେନା ପ୍ରମୁଖ ଯୋଗଦେଇଥିଲେ। ପୁରାଣରେ ବର୍ଣ୍ଣିତ ପ୍ରକାରେ ରାମ ବନବାସ, ପର୍ଶୁରାମ କ୍ଷେତ୍ର, ହନୁମାନ ଲଙ୍କାକୁ ଲମ୍ଫ ପ୍ରଦାନ, ପଞ୍ଚୁପାଣ୍ଡ ମନ୍ଦିର, ଅର୍ଜୁନ ଗୁମ୍ଫା, ଦାରୁବ୍ରହ୍ମ ଆଦି ୫୦ରୁ ଉର୍ଦ୍ଧ୍ୱ ସ୍ଥଳୀ ରହିଥିବାରୁ କେନ୍ଦ୍ର ସରକାର ମହେନ୍ଦ୍ରଗିରିକୁ କେନ୍ଦ୍ର'ର ରାମାୟଣ ସର୍କିଟ'ରେ ସ୍ଥାନିତ କରିଛନ୍ତି। ତେଣୁ ଏହା ବିକାଶ ଓ ପୁନରୁଦ୍ଧାର ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ'ଙ୍କ ସମେତ କେନ୍ଦ୍ରର ପର୍ଯ୍ୟଟନ, ସଂସ୍କୃତି ଓ ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦିଆଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାମାଧବ ପଣ୍ଡା, ଅନାଦି ପାଣିଗ୍ରାହୀ, ଏ ଜଗନ୍ନାଥ ରାଜୁ, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ, ଡି. ଜଗନ୍ନାଥ ରାଜୁ ପ୍ରମୁଖଙ୍କ ସମେତ ଶବର ସମାଜ, ଦିବ୍ୟଜୀବନ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବନବାସୀ କଲ୍ୟାଣ ଆଶ୍ରମ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ମହେନ୍ଦ୍ରଗିରି ସୁରକ୍ଷା ମଞ୍ଚ ଆଦି ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।


ବୈଠକରେ ଆଲୋଚନା ଚାଲିଛି।

## ମିଟର ରିଡରଙ୍କ ବିକ୍ଷୋଭ

ପୁରୁଷୋତ୍ତମପୁର, ୧୪।୧୨(ଡି.ଏନ୍.ଏ.)

ବିଭିନ୍ନ ଦାବି ନେଇ ପୁରୁଷୋତ୍ତମପୁର ବିଦ୍ୟୁତ୍ ବିଭାଗ ଅଧୀନରେ ଥିବା ମିଟର ରିଡର୍‌ମାନେ ସୋମବାର ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏଥିରେ ପୁରୁଷୋତ୍ତମପୁର ସମେତ କୋଦଳା, ପୋଲସରା ସେକ୍ସନ ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ମିଟର ରିଡିଂ ନେବା ଲାଗି କାର୍ଯ୍ୟ କରୁଥିବା ମିଟର ରିଡରମାନେ ସାମିଲ ଥିଲେ। ସରକାରଙ୍କ ଧାର୍ଯ୍ୟ ପ୍ରକାରେ ସର୍ବନିମ୍ନ ମଜୁରି ପ୍ରଦାନ, ପୁରୁଣା ମିଟର ରିଡରଙ୍କୁ ଅଗ୍ରାଧିକାର, ମୋବାଇଲ ଓ ପ୍ରିଣ୍ଟର ଯୋଗାଇଦେବା ସହ ଆର୍‌ସିଏଚ୍ ପିଲାଙ୍କ ମାଧ୍ୟମରେ କରାଯାଉଥିବା ମିଟର ରିଡିଂ କାର୍ଯ୍ୟକୁ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଦାବି ନେଇ ଗତ ୮ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି।

## ଉତ୍ତମ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

ଛତ୍ରପୁର,୧୪।୧୨(ଡି.ଏନ.ଏ)

ଛତ୍ରପୁର ବ୍ଲକ ଅଧୀନ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇବାକୁ ଗୁରୁତ୍ୱ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଏମ. ଧନଞ୍ଜୟ ରେଡ୍ଡୀ, ବିଡ଼ିଓ ଅମ୍ବିକା ପ୍ରସାଦ ଦାଶ, ଡାକ୍ତର କାହ୍ନୁଚରଣ ପାତ୍ର, ଜ୍ଞାନେନ୍ଦ୍ର ପାତ୍ର, ଅଜିତ ନାୟକ, ସନ୍ତୋଷିନୀ ସେଠୀ, ସିଡିପିଓ କ୍ରିଷ୍ଣା ନନ୍ଦ, ଏବିଓ ନୃସିଂହ ଚରଣ ମିଶ୍ର, ସମିତି ସଭ୍ୟା ସୁବାସିନୀ ବାରିକି, ସଭ୍ୟ ସୁକାନ୍ତ ନାହାକ ଓ ଶମ୍ଭୁନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ଆମ୍ବୁଲାନ୍ସ, ଜେନେରେଟର ହସ୍ପିଟାଲ ପାଇଁ ଯନ୍ତ୍ରପାତି କିଣାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ଏକ ମିଟିଂ ହଲ ନିର୍ମାଣ ଓ ଉଦ୍ୟାନ କରାଯିବାକୁ ସ୍ଥିର କରାଯାଇଛି।

## ସେବା ସମବାୟ ଅଫିସରୁ ଲୁଟ୍

ଦିଗପହଣ୍ଡି,୧୪।୧୨(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ବୋମକେଇ ପଞ୍ଚାୟତ କୁମରଡ଼ା ଗ୍ରାମସ୍ଥିତ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରୁ ଦୁର୍ବୃତ୍ତ ରବିବାର ରାତିରେ ୮,୦୩୦ ଟଙ୍କା ଲୁଟି ନେଇଛନ୍ତି। ସମବାୟ ପ୍ରବନ୍ଧକ ଗୋପାଳକୃଷ୍ଣ ନାୟକଙ୍କ ପରାମର୍ଶ କ୍ରମେ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ କେ. ନୂଆଗାଁ ଥାନାରେ ଏ ନେଇ ଏତଲା ଦେଇଥିଲେ। ନୂଆପଡ଼ା ପୋଲିସ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ବିନୀତ କୁମାର ଶତପଥୀ ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି। ଦୁର୍ବୃତ୍ତମାନେ ରାତିରେ ସେବା ସମବାୟ ଅଫିସ ତାଲା ଭାଙ୍ଗି ଟଙ୍କା ନେବା ସହ ଆଲମିରା ଭାଙ୍ଗି ନଥିପତ୍ର, ରସିଦ୍ ବହି ଆଦି ଫିଙ୍ଗି ଦେଇଥିଲେ। ସୋମବାର ସକାଳେ ପିଅନ ଗଙ୍ଗାରାମ ରଣା ଅଫିସକୁ ଝାଡୁ କରିବାକୁ ଯାଇଥିବା ବେଳେ ମୁଖ୍ୟ ଗ୍ରୀଲ ତାଲା କଟାଯିବା ଓ କବାଟ ଭଙ୍ଗା ଯାଇଥିବା ଦେଖି ସମବାୟ ସମିତି ସମ୍ପାଦକଙ୍କୁ ଜଣାଇଥିଲେ। ସମ୍ପାଦକ ଏ ସମ୍ପର୍କରେ ବ୍ରହ୍ମପୁରସ୍ଥିତ ଜିଲା ସମବାୟ କାର୍ଯ୍ୟାଳୟର ସହକାରୀ ସମବାୟ ପ୍ରବନ୍ଧକଙ୍କୁ ଜଣାଇଥିଲେ। ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ ମୁଖ୍ୟ ଦରଜାର ତାଲା ନ ଭାଙ୍ଗି ଅଫିସ ଭିତରେ ପଶିଲେ କେମିତି। ସମବାୟ ସମିତିରେ ଦୀର୍ଘଦିନ ଧରି ଚାଲିଥିବା କୃଷିଋଣ ଜାଲିଆତି ଧରାପଡ଼ିବା ଭୟରେ ଯୋଜନା ପ୍ରକାରେ ଏଭଳି ଚୋରି କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସମବାୟ ସମିତି ସମ୍ପାଦକଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଅସତ୍ୟ ବୋଲି କହିଛନ୍ତି।

## ଘରପୋଡ଼ି ଘଟଣା: ସହାୟତା ଦେଲେ ବିଧାୟକ

ରାଇକିଆ,୧୪।୧୨(ଡି.ଏନ୍.ଏ.)

ରାଇକିଆ ବ୍ଲକ ବାକିଙ୍ଗିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଅପରାଜିତା ପ୍ରଧାନଙ୍କ ଘର ଜଳିଯାଇଥିଲା। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ସୋମବାର ସମ୍ପୃକ୍ତା ମହିଳାଙ୍କୁ ଭେଟି ସମବେଦନା ଜଣାଇବା ସହ ୫୦ କେଜି ଚାଉଳ, କମ୍ବଳ, ଲୁଗା ଏବଂ ପଲିଥିନ ବଣ୍ଟନ କରିଛନ୍ତି। ଅପରାଜିତାଙ୍କ ସ୍ୱାମୀ ରାଜ୍ୟ ବାହାରେ କାମ କରୁଥିବା ବେଳେ ହଠାତ୍ ଅଗ୍ନିକାଣ୍ଡ ଘଟି ସମସ୍ତ ଆସବାବପତ୍ର ସହ ଘର ପୋଡ଼ିଯାଇଥିବାରୁ ଏକ ଘର ଯୋଗାଇ ଦେବା ପାଇଁ ମଧ ସେ ନିବେଦନ କରିଛନ୍ତି। ବିଧାୟକଙ୍କ ସମେତ ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ ଏବଂ ସହଯୋଗୀମାନେ ପହଞ୍ଚି ସମବେଦନା ଜଣାଇଥିଲେ।


ବିଧାୟକ ସହାୟତା ପ୍ରଦାନ କରୁଛନ୍ତି।

## ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

ଗୋପାଳପୁର, ୧୪।୧୨

ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର ଗ୍ରାମରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାସ, ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ସରପଞ୍ଚ ରଶ୍ମିତା ପଟ୍ଟନାୟକ ଓ ଅନ୍ୟମାନେ ଯୋଗଦେଇ ଶିଶୁକନ୍ୟାମାନଙ୍କୁ ଫୁଲ, ପୋଷାକ, ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଗର୍ଭସ୍ଥ ଶିଶୁଙ୍କ ଲିଙ୍ଗ ନିରୂପଣ ବନ୍ଦ କରିବା ସହ ପୁଅ ଝିଅ ମଧ୍ୟରେ ଭେଦଭାବ ନ କରିବାକୁ କୁହାଯାଇଥିଲା। ସେହିପରି ଗୋଳନ୍ଥରା, ଲୁହାଝର, ମନ୍ତ୍ରିଡ଼ି, ରଣ୍ଡା ଆଦି ଗ୍ରାମରେ ମଧ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ହୋଇଥିଲା। ଏଭଳି କାର୍ଯ୍ୟକ୍ରମ ପ୍ରତ୍ୟେକ ଗ୍ରାମରେ ଚାଲୁରହିବ ବୋଲି ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ସୂଚନା ଦେଇଛନ୍ତି।


ଶିଶୁକନ୍ୟାକୁ ବିଭିନ୍ନ ସାମଗ୍ରୀ ଦିଆଯାଉଛି।

## ଜିଲାପାଳଙ୍କ ଶେରଗଡ଼ ବ୍ଲକ ଗସ୍ତ

ଶେରଗଡ଼,୧୪।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଶେରଗଡ଼ ବ୍ଲକ ଗସ୍ତରେ ଆସିଥିଲେ। ଶେରଗଡ଼ ତହସିଲ କାର୍ଯ୍ୟାଳୟରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପିତଳ ପଞ୍ଚାୟତରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାର ତାଲିମ ଶିବିରକୁ ଶୁଭାରମ୍ଭ କରିଛନ୍ତି। ପିତଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। କରଞ୍ଜେଇ ପାହଡ ପାଦ ଦେଶରେ ଚାଲିଥିବା ଟ୍ରେଞ୍ଚ ଖୋଳା କାର୍ଯ୍ୟ, ପିତଳ ପଞ୍ଚାୟତର ୩ ହିତାଧିକାରୀଙ୍କ ଗାଈ ଗୁହାଳ, ହାଇସ୍କୁଲ କୋଠା ଜିଲାପାଳ ବୁଲି ଦେଖିଥିଲେ। ତାଲିମ ଶିବିର ଶୁଭାରମ୍ଭ କରି ଶିବିରାର୍ଥୀ ଯୁବତୀ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଯୋଜନାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଶିବିରରେ ବିଡିଓ ସୁରଞ୍ଜନ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ଯନ୍ତ୍ରୀ ପବିତ୍ର ପଟ୍ଟନାୟକ, ଜିବୀକା ମିଶନର ସଂଯୋଜିକା ବନିତା ସାହୁ ଉପସ୍ଥିତ ଥିଲେ। ସେହିପରି ଶେରଗଡ ତହସିଲରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଜିଲାପାଳ ଯୋଗଦେଇ ୩୦ ହିତାଧିକାରୀଙ୍କୁ ଗ୍ରାମ କଣ୍ଟକ ପଟ୍ଟା ପ୍ରଦାନ କରିଥିଲେ। ତହସିଲଦାର ଦୟାସିନ୍ଧୁ ପରିଡା,ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ସୁପରଭାଇଜର ମନୋଜ କୁମାର ନାହାକ ଉପସ୍ଥିତ ଥିଲେ।


ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ତହସିଲାଦର ଓ ଅନ୍ୟମାନେ।

## ହଜିଯାଉଛି କେନାଲ, ପୁନରୁଦ୍ଧାର ଦାବି

ଭଞ୍ଜନଗର,୧୪।୧୨(ଡି.ଏନ୍.ଏ.)

ଭଞ୍ଜନଗର ସହରର ଅଧିକାଂଶ ଲୋକେ ନୂଆକୋଠା କରିବାବେଳେ ଏନ୍ଏସିରୁ ଆବଶ୍ୟକ ଅନୁମତି ନେଉନାହାନ୍ତି। ଫଳରେ ପରବର୍ତ୍ତୀ ସମୟରେ ରାସ୍ତା ସମେତ ଡ୍ରେନେଜ୍ ସମସ୍ୟା ଦେଖାଦେଉଛି। ଅସୁବିଧା ହେଲେ ପ୍ରଶାସନ ଉପରେ ଦୋଷ ଲଦୁଛନ୍ତି।

୧୮୯୪ ମସିହାରେ ଭଞ୍ଜନଗର ସହରକୁ ଜଳସେଚନ ପାଇଁ ବ୍ରିଟିଶ ଶାସକମାନେ ନିର୍ମାଣ କରିଥିବା ଡାହାଣ କେନାଲର ଅଧିକାଂଶ ଅଞ୍ଚଳକୁ ସହରବାସୀ ବର୍ତ୍ତମାନ ଜବରଦଖଲ କରିନେଲେଣି। ପ୍ରଶାସନ ବର୍ତ୍ତମାନ ଉକ୍ତ କେନାଲର ପୁନରୁଦ୍ଧାର ପର୍ଯ୍ୟାୟକ୍ରମେ କରୁଛି। କିଛିଦିନ ପୂର୍ବେ କେନାଲସାହିର କିଛି ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହାପୂର୍ବରୁ ଗତବର୍ଷ ମାଲସାହି ଅଞ୍ଚଳରେ କେନାଲ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ ହୋଇଥିଲା। ସେଥିମଧ୍ୟରୁ କିଛି ଅଞ୍ଚଳ ପୁଣି ଜବରଦଖଲ ହୋଇଗଲାଣି।

ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଛକରୁ ଭେଜିପୁଟ ବ୍ରାହ୍ମଣଦେବୀ ମନ୍ଦିର ଛକ ପର୍ଯ୍ୟନ୍ତ କେନାଲ ଉପରେ ପକ୍କା ରାସ୍ତା ନିର୍ମାଣ ଚାଲିଛି। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟରେ ଉକ୍ତ କାମ ଚାଲିଛି। ସେହିଭଳି କେନାଲ ସାହିର କାମ ମଧ ଚାଲିଛି। ଆଗାମୀ ଦିନରେ ଅନ୍ୟାନ୍ୟ ଅଞ୍ଚଳରେ କେନାଲ ଉପରୁ ଜବରଦଖଲ ଉଚ୍ଛେଦ କରାଯାଇ ପକ୍କା ରାସ୍ତା ନିର୍ମାଣ କରାଯିବା ଯୋଜନା ଅଛି। ଏଥିସହ ବାଲିସାହିରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିବା କେନାଲ ଉପରେ ପକ୍କା ରାସ୍ତା ନିର୍ମାଣ ହେଲେ ସହରରେ ଟ୍ରାଫିକ୍ ସମସ୍ୟା କିଛି ମାତ୍ରାରେ ଦୂରହେବ। କେନାଲ ଉପରେ ଲୋକେ ଘର କରିବା ଦ୍ୱାରା ପାଣି ନିଷ୍କାସନ ଠିକ୍ ଭାବେ ହୋଇ ପାରୁନାହିଁ। ତେଣୁ ଜଳସେଚନ ବିଭାଗ ପକ୍ଷରୁ ଆଉ ପାଣି ଛଡାଯାଉନାହିଁ।


ମାଲସାହି ନିକଟରେ କେନାଲ ସଙ୍କୁଚିତ ହୋଇଯାଇଛି।

### ଜଳ ସମ୍ପଦ ବିଭାଗ କେନାଲ ଏନ୍ଏସିକୁ ହସ୍ତାନ୍ତର ହେଉ

ଏଭଳି ପରିସ୍ଥିତିରେ ଉକ୍ତ କେନାଲରେ ବର୍ତ୍ତମାନ କେବଳ ସହରର ମଇଳା ପାଣି ଯାଉଛି। ଭବିଷ୍ୟତରେ ଉକ୍ତ କେନାଲ ଗୁଡିକ ହିଁ ସହରର ଡ୍ରେନେଜ ସମସ୍ୟାକୁ କିଛି ମାତ୍ରାରେ ଦୂର କରିବ। ତେଣୁ କେନାଲ ଉପରୁ ଜବରଦଖଲ ଉଚ୍ଛେଦ କରାଯିବାର ଆବଶ୍ୟକତା ରହିଛି।ଭଞ୍ଜନଗର ସହରର ବିଭିନ୍ନ ଅଞ୍ଚଳରେ ପ୍ରାୟ ସାଢ଼େ ୪ କିମି କେନାଲ ଅଛି।

ଏନେଇ ପୂର୍ବତନ କଂଗ୍ରେସ କାଉନ୍‌ସିଲର ସନ୍ତୋଷ କୁମାର ଦିଗାଲ କହିଛନ୍ତି, କେନାଲ ଗୁଡିକର ମରାମତି ଦାୟିତ୍ୱ ଜଳସମ୍ପଦ ବିଭାଗ ବଦଳରେ ଏନ୍ଏସିକୁ ହସ୍ତାନ୍ତର କରାଯାଉ। କେନାଲ ସମେତ ସହରର ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯିବାର ଆବଶ୍ୟକତା ରହିଛି। ଯେଉଁ ଗରିବ ଲୋକ ଉଚ୍ଛେଦରେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି ସେମାନଙ୍କୁ ଥଇଥାନ କରାଯାଉ।

